## ଆଜି କ'ଣ କେଉଁଠି

(ଭଦ୍ରକ)

- ଦୁଇଦିନିଆ ରାଜ୍ୟସ୍ତରୀୟ ମେଘ ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୬ଟା।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମନ୍ୱୟ କମିଟି ବୈଠକ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା ୩୦।

## ସଂକ୍ଷେପରେ

### ବିଭୁକଲ୍ୟାଣ ଟୋକିଓ ଅଲିମ୍ପିକ ହକି ଟିମ୍‌ର ମେଡିକାଲ ଅଫିସର



**ଭଦ୍ରକ ଅଫିସ,୧୨ା୯:** ଜାପାନ ରାଜଧାନୀ ଟୋକିଓରେ ୨୦୨୦ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଆନ୍ତର୍ଜାତିକ ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ତେବେ ଏହି କ୍ରୀଡ଼ା ମହାକୁମ୍ଭରେ ଅନୁଷ୍ଠିତ ହେବାକୁ ଥିବା ହକି ପ୍ରତିଯୋଗିତାରେ ଭାରତୀୟ ଦଳ ପୂର୍ବବର୍ଷଗୁଡ଼ିକ ପରି ପ୍ରତିନିଧିତ୍ୱ କରିବ। ଭଦ୍ରକର ଡା. ବିଭୁକଲ୍ୟାଣ ନାୟକ ମେଡିକାଲ ଅଫିସର୍ ଭାବେ ଏହି ଦଳରେ ନିଯୁକ୍ତ ହୋଇଛନ୍ତି। ଉଲ୍ଲେଖନୀୟ ଯେ, ଭୁବନେଶ୍ୱରରେ ରହୁଥିବା ଡା. ନାୟକଙ୍କ ଘର ଭଦ୍ରକ ଜିଲା ବିଲଣା ଗ୍ରାମରେ। ସେ ୨୦୧୮ ରେ ଓଡ଼ିଶାରେ ଅନୁଷ୍ଠିତ ହୋଇଯାଇଥିବା ବିଶ୍ୱକପ୍ ହକି ପାଇଁ ଭାରତୀୟ ଦଳରେ ସମାନ ପଦବୀରେ ନିଯୁକ୍ତ ହୋଇଥିଲେ। ପ୍ରଥମ ଓଡ଼ିଆ ଭାବେ ଡା. ନାୟକ ଏହି କୃତିତ୍ୱର ଅଧିକାରୀ ହୋଇପାରିଛନ୍ତି।

### ବିଦ୍ୟାଳୟରେ ଚାରାରୋପଣ

**ପଦ୍ମପୁର, ୧୨ା୯ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ରାଜଘର ପଞ୍ଚାୟତର କୃଷ୍ଣଚନ୍ଦ୍ର ନୋଡାଲ ବିଦ୍ୟାଳୟଠାରେ ସବୁଜିମା ପାଇଁ ବୃକ୍ଷରୋପଣ କରାଯାଇଛି। ହିମାଦ୍ରୀ ଭୂଷଣ ନାୟକ ମୁଖ୍ୟଅତିଥି ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳାମ୍ବର ବଳ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିସରରେ ଶତାଧିକ ଆମ୍ବ, ପିଜୁଳି, ସପେଟା ଓ ପଣସ ଆଦି ଚାରାରୋପଣ କରାଯାଇଥିଲା। ପଞ୍ଚାୟତର ବିଜୁ ଯୁବବାହିନୀର ସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ଶରତ କୁମାର ପାତ୍ର, ଗ୍ରାମରୋଜଗାର ସେବକ, ଅମିୟ କୁମାର ନାୟକ, କାହ୍ନୁଚରଣ ସାହୁ ଓ ସୌମ୍ୟପ୍ରକାଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

### ବ୍ଲକ ଶିକ୍ଷାଧିକାରୀଙ୍କ ବିବି ଦାସ ନୋଡାଲ ସ୍କୁଲ ପରିଦର୍ଶନ

**ବନ୍ତ,୧୨ା୯(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର ଗୁରୁବାର ଛୟାଳିସିଂ ପଞ୍ଚାୟତ ଅଧୀନ ବିବି ଦାସ ନୋଡାଲ ସ୍କୁଲ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟରେ ଶିକ୍ଷାଦାନ, ଛାତ୍ର ଓ ଶିକ୍ଷକ ଉପସ୍ଥାନ, ମଧ୍ୟାହ୍ନ ଭୋଜନ ଆଦି ବିଭିନ୍ନ ବିଷୟରେ ସେ ତଦାରଖ କରିଥିଲେ। ପାଣି ଜମି ରହୁଥିବାରୁ ବିଦ୍ୟାଳୟ ପରିସରରେ ମାଟି ପକାଇ ସମତଳ କରିବାକୁ ସରପଞ୍ଚଙ୍କ ସହ ଆଲୋଚନା କରିବେ ବୋଲି ସେ କହିଥିଲେ।

# ଅପ୍‌ଡେଟ ହେଉନି ଅନ୍‌ଲାଇନ ତଥ୍ୟ

**ଭଦ୍ରକ ଅଫିସ,୧୨ା୯**

ଭଦ୍ରକ ଜିଲାର ବିଭିନ୍ନ କାର୍ଯ୍ୟାଳୟର ତଥ୍ୟ ଅନ୍‌ଲାଇନରେ ଉପଲବ୍ଧ ରହିବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି। ଏଥିରୁ ବାଦ୍ ପଡ଼ିଛି ଜିଲା ମୁଖ୍ୟାଳୟରେ ଥିବା ଅଧିକାଂଶ କାର୍ଯ୍ୟାଳୟ। ତଥ୍ୟଗୁଡ଼ିକ ୱେବ୍‌ସାଇଟ୍‌ରେ ରହିବା ଜରୁରୀ ହୋଇଥିବା ବେଳେ ୫୫ଟି କାର୍ଯ୍ୟାଳୟ ମଧ୍ୟରୁ ଅଧିକାଂଶର ସୂଚନା ଦୀର୍ଘ ୧୦ ବର୍ଷ ଧରି ଅପ୍‌ଡେଟ ହୋଇନାହିଁ। କେଉଁ କାର୍ଯ୍ୟାଳୟରେ ୨/୩ ଅଧିକାରୀ ଅବସର ନେଲେଣି ତ ଆଉ କେଉଁଠି ୫ରୁ ଅଧିକ ଅଧିକାରୀ ବଦଳି ହୋଇସାରିଲେଣି। କାର୍ଯ୍ୟାଳୟ ଇନ୍‌କମ୍ବେନ୍ସି ଚାର୍ଟ(ପଦଧାରୀ ତାଲିକା)ରେ ବିଭାଗୀୟ ଅଧିକାରୀମାନେ ନିଜ ନାଁ ତାଲିକାଭୁକ୍ତ କରୁଥିବା ବେଳେ ଅନ୍‌ଲାଇନରେ ତଥ୍ୟ ଅପ୍‌ଡେଟ କରିବାକୁ ଭୁଲି ଯାଉଛନ୍ତି।

ସୂଚନା ଅଧିକାର ଆଇନର ଧାରା ୪(୧)(ଖ) ଅନୁଯାୟୀ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟର ୧୭ ପ୍ରକାର ତଥ୍ୟ ସର୍ବସାଧାରଣ ନିମନ୍ତେ ସ୍ୱତଃପ୍ରବୃତ୍ତ ଭାବେ ଅନ୍‌ଲାଇନରେ ଉପଲବ୍ଧ କରାଯିବାର ନିର୍ଦ୍ଦିଷ୍ଟ ଆଦେଶନାମା ରହିଛି। ଏହି ଆଦେଶନାମା ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବାର ଅନେକ ଉଦାହରଣ ରହିଛି। ଏ ନେଇ କେନ୍ଦ୍ରୀୟ ସୂଚନା ଆୟୋଗ ଦଣ୍ଡବିଧାନ କରିଥିବା ଏକ ଆଦେଶକୁ ରାଜ୍ୟ ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ନିର୍ଦ୍ଦେଶନାମା ରୂପେ ଅବଗତ କରିଛନ୍ତି। ଏହାଛଡ଼ା ମୁଖ୍ୟ ଶାସନ ସଚିବ ଚିଠି ସଂଖ୍ୟା-୮୩୦୨ ଅନୁସାରେ ସଚିବଙ୍କ ଜରିଆରେ ସମସ୍ତ କାର୍ଯ୍ୟାଳୟର ତଥ୍ୟ ଉପଲବ୍ଧ କରିବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଭଦ୍ରକ ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ୨୦୦୯ ଅକ୍ଟୋବର ୩, ଜିଲା ପଞ୍ଚାୟତ କାର୍ଯ୍ୟାଳୟରେ ୨୦୧୧ ଜୁନ୍ ୧୩, ଗ୍ରାମ୍ୟ ଉନ୍ନୟନ ବିଭାଗ ୱେବ୍‌ସାଇଟ୍‌ରେ ୨୦୧୫ ଜୁନ୍ ୧ ଠାରୁ ସୂଚନା ଅପ୍‌ଡେଟ୍ ହୋଇ ନ ଥିବା ଜଣାପଡ଼ିଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ତଥ୍ୟ ୨୦୧୭ ମାର୍ଚ୍ଚ ୧୭, ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟର ୨୦୧୮ ସେପ୍ଟେମ୍ବର ୨୦ରୁ ଅପ୍‌ଡେଟ କରାଯାଇ ନାହିଁ। ଅଧିକାରୀମାନଙ୍କ ବଦଳି ହୋଇଯାଇଥିଲେ ମଧ୍ୟ ସେମାନଙ୍କ ନାଁ ଏବେ ବି ଉଲ୍ଲେଖ ରହିଛି। ଡିଜିଟାଲ ଯୁଗରେ ଏହି ୫୫ଟି କାର୍ଯ୍ୟାଳୟର ୧୭ଟି ତଥ୍ୟ ମଧ୍ୟରୁ ୧୪ ନଂ. ତଥ୍ୟ ମୁତାବକ ଉକ୍ତ ବିଭାଗ ଅଧୀନରେ କେଉଁ ଯୋଜନା ଓ କାର୍ଯ୍ୟକ୍ରମ କରାଯାଉଛି ସେ ସମ୍ପର୍କରେ ଗୋଟିଏ ମଧ୍ୟ ବିଭାଗରେ ଉଲ୍ଲେଖ କରା ନ ଯିବା ଘଟଣା ଲୋକଙ୍କୁ ଅଧିକାରୀମାନେ ଅସହଯୋଗ କରୁଥିବା ସ୍ପଷ୍ଟ ଭାବେ ପ୍ରମାଣିତ କରୁଛି। ସରକାରଙ୍କ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ହିତାଧିକାରୀଙ୍କ ଘରମୁହାଁ ହେଉଥିବା ବେଳେ ଏହିସବୁ ତଥ୍ୟ ଅନ୍‌ଲାଇନ୍‌ରେ ଉପଲବ୍ଧ ହେଉନାହିଁ। ସେହିପରି ବର୍ତ୍ତମାନ ସରକାର ୫-ଟି'କୁ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଏହାର ମୁଖ୍ୟ ଉପାଦାନ ଟେକ୍ନୋଲୋଜି ଅପଡେଟ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ସୂଚନା ଅଧିକାରୀ ବିଜୟ କୁମାର ମିଶ୍ରଙ୍କୁ ପଚାରିବାରୁ ଅପ୍‌ଡେଟ୍ ଲାଗି ଚେଷ୍ଟା କରାଯାଉଛି, ଏଥିପାଇଁ ସମୟ ଲାଗିବ ବୋଲି କହିଛନ୍ତି।

## ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା

# ଭଦ୍ରକର ୬ ଖେଳାଳି ମନୋନୀତ

**ଭଦ୍ରକ ଅଫିସ, ୧୨ା୯**



ଜିଲା ଆର୍ଚେରୀ ସଂଘ କାର୍ଯ୍ୟାଳୟଠାରେ ପ୍ରତିଯୋଗୀ ଓ ଅନ୍ୟମାନେ।

ବୌଦ୍ଧ ଜିଲାରେ ଶୁକ୍ରବାରଠାରୁ ଆରମ୍ଭ ହେବ ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା। ଭଦ୍ରକରୁ ୬ ଜଣ ପ୍ରତିଯୋଗୀ ସବଜୁନିୟର, ଜୁନିୟର ଏବଂ ସିନିୟର ବର୍ଗରେ ଏହି ପ୍ରତିଯୋଗିତାରେ ଭାଗ ନେବେ। ସିନିୟର ବର୍ଗରେ ବାଳିକା ବିଭାଗର ରାଜଲକ୍ଷ୍ମୀ ଡାକୁଆ, ଜୁନିୟର ବର୍ଗରେ ସୁଶ୍ରୀ ତନୟା ପଲ୍ଲବୀ ଜେନା, ସବଜୁନିୟରରେ ବଦ୍ରିନାରାୟଣ ଦୀକ୍ଷିତ୍ ଏବଂ ବାଳିକା ବିଭାଗରେ ଓମ୍‌ପ୍ରଜ୍ଞା ପଣ୍ଡା, ୯ ବର୍ଷରୁ କମ୍ ବାଳକ ବର୍ଗ ପାଇଁ ଜିଜ୍ଞାସୁ ଦୀକ୍ଷିତ୍ ଓ ପିୟୁଷ ଦୀକ୍ଷିତ୍ ମନୋନୀତ ହୋଇଛନ୍ତି। ଭଦ୍ରକ ଜିଲା ଆର୍ଚେରୀ ସଂଘର ଚେୟାରମ୍ୟାନ ତଥାଗତ ସାମଲ, ସମ୍ପାଦକ ସ୍ୱଦେଶ ରଞ୍ଜନ ରାଉତ, କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ଦୀକ୍ଷିତ, ବିଶିଷ୍ଟ ମଲ୍ଲଯୋଦ୍ଧା ଗୋପାଳକୃଷ୍ଣ ମହାପାତ୍ର, ଜିଲା ସଂଘର ଉପସଭାପତି ସୁବ୍ରତ ନନ୍ଦ, ସିଣ୍ଟୁ ପଣ୍ଡିତ, ସହସମ୍ପାଦକ ଚିନ୍ମୟ ବେହେରା, ରାଜେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଉଦିତ୍ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ପୀତାମ୍ବର ରେଙ୍ଗୀ, କନକଲତା ପଣ୍ଡା, ମନୋଜ ସାହୁ ଓ ଶ୍ରୀକାନ୍ତ ସାହୁ ପ୍ରମୁଖ ଏହି ପ୍ରତିଯୋଗୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରତିଯୋଗିତାରେ ଉଚ୍ଚକୋଟୀର ପ୍ରଦର୍ଶନ ଲାଗି ସେମାନଙ୍କୁ ଉତ୍ସାହିତ କରିଥିଲେ।

### ଅଗରବତି ଉଦ୍ୟୋଗ ପ୍ରଶିକ୍ଷଣ

**ଭଣ୍ଡାରିପୋଖରୀ, ୧୨ା୯(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ କାର୍ଯ୍ୟାଳୟ ଓ ସରସଦାସ୍ଥିତ ଦୁର୍ଗା ମଣ୍ଡପଠାରେ ମହିଳାମାନଙ୍କୁ ନେଇ ସ୍ଫୂର୍ତ୍ତି ଉଦ୍ୟୋଗୀ ତିନିଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ପୀତାମ୍ବର ପରିଡ଼ା, ଶିଳ୍ପ ବିକାଶ ଅଧିକାରୀ ଶଶିଶେଖର ବେହେରା, ସ୍ଫୂର୍ତ୍ତି କାର୍ଯ୍ୟକ୍ରମର କ୍ଷେତ୍ରସ୍ତରୀୟ ସଂଯୋଜକ ଅଜିତ ନାୟକ ଓ ବୈଦ୍ୟନାଥ ସାହୁ ପ୍ରମୁଖ ଯୋଗଦେଇ ଅଗରବତୀ ଉଦ୍ୟୋଗ ସମ୍ପର୍କରେ ଉପସ୍ଥିତ ମହିଳାମାନଙ୍କୁ ସୂଚନା ଦେଇଥିଲେ। ଉଦ୍ୟୋଗ ପ୍ରତିଷ୍ଠା ସମ୍ପର୍କରେ ସେମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ରମେଶ ଚନ୍ଦ୍ର ନାୟକ। ମଧୁସ୍ମିତା ଦାସ, ପୂଜାରାଣୀ ଜେନା, ସ୍ନେହଲତା ପହୀ, ସାବିତ୍ରୀ ଜେନା, ଭାଗ୍ୟବତୀ ବିଶ୍ୱାଳ ଓ ସୁଜାତା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତୃଣମୂଳସ୍ତରରୁ ସଙ୍ଗଠନ ସୁଦୃଢ଼କୁ ଗୁରୁତ୍ୱ



ସମ୍ବର୍ଦ୍ଧନା ସଭାରେ ବିଜେଡି ନେତୃବୃନ୍ଦ।

**ବନ୍ତ, ୧୨ା୯ (ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଗରପଡ଼ାସ୍ଥିତ ମହତାବ ମେମୋରିଆଲ ହଲ୍‌ରେ ଗୁରୁବାର ସନ୍ଧ୍ୟାରେ ଆଗରପଡ଼ା ଜୋନ୍ ବିଜେଡି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି ପ୍ରୟାସକାନ୍ତି ସାମଲ ଏଥିରେ ଯୋଗଦେଇ ସଙ୍ଗଠନକୁ ତୃଣମୂଳ ସ୍ତରରୁ ଅଧିକ ମଜ୍‌ବୁତ କରିବା ସହିତ ସଧାରଣ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ବିଧାୟକଙ୍କ ପ୍ରତିନିଧି ଭାବେ ଦାୟିତ୍ୱ ନେବା ପରେ ଆଗରପଡ଼ାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜୋନ୍ ଜିଲାପରିଷଦ ସଭ୍ୟ ପ୍ରଶାନ୍ତ କୁମାର ଦାଶ ସଭାପତିତ୍ୱ କରିଥିଲେ। ବ୍ଲକ ସମ୍ପାଦକ ଅଶୋକ କୁମାର ପାଣିଗ୍ରାହୀ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଜୋନ୍ ସମ୍ପାଦକ କାହ୍ନୁ ଦାସ, ପୁରୁଷଣ୍ଡ ସମିତିସଭ୍ୟ ଦିଲୀପ କୁମାର ପୁହାଣ, ବିଟିପୁର ସମିତିସଭ୍ୟ ଭିକ୍ଷେଶ୍ୱର ଦାସ, ଗୋପୀନାଥପୁର ସରପଞ୍ଚ ଅଶୋକ ଦାସ, ବରିଷ୍ଠ କର୍ମୀ ଜଇନୁଲ ଆବେଦିନ ଓ ଶ୍ରୀନାଥ ମହାନ୍ତି ପ୍ରମୁଖ ଯୋଗଦେଇ ବିଧାୟକ ପ୍ରତିନିଧି ସାମଲଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜୋନ୍‌ର ସମସ୍ତ ପଞ୍ଚାୟତ ସଭାପତି ସେମାନଙ୍କ ବକ୍ତବ୍ୟ ରଖିଥିବା ବେଳେ ଶତାଧିକ କର୍ମୀ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୧୨ା୯ (ଡି.ଏନ.ଏ.)**

ଜଳହରିସ୍ଥିତ ସାରସ୍ୱତ ଉଚ୍ଚ ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ନାୟକ ଓ ପ୍ରଧାନଶିକ୍ଷୟିତ୍ରୀ କୁନ୍ତଳା ପଣ୍ଡାଙ୍କୁ ଜଳହରି କ୍ଲଷ୍ଟର ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରୀତିକାନ୍ତ ରାଉତ ଏବଂ ଅନ୍ୟତମ ଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ମାରାଣ୍ଡି, ପ୍ରଧାନଶିକ୍ଷକ ଗଣେଶ ଚନ୍ଦ୍ର ଜେନା, ବ୍ରଜକିଶୋର ପରିଡା ଓ କାଞ୍ଚନ ତ୍ରିପାଠୀ ଯୋଗ ଦେଇଥିଲେ। ସତ୍ୟରଞ୍ଜନ ସାମଲ ଅତିଥି ପରିଚୟ ପ୍ରଦାନ ଓ ରାମଚନ୍ଦ୍ର ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରସନ୍ନ ନାୟକ, ସୁଶାନ୍ତ ଜେନା, ଶଶିଭୂଷଣ ମଲ୍ଲିକ ଓ ବିକାଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରୋଲ୍ ପ୍ଲେ ପ୍ରତିଯୋଗିତାରେ ଜିଲାସ୍କୁଲ ପ୍ରଥମ

**ଭଦ୍ରକ ଅଫିସ, ୧୨ା୯**



ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

ଭଦ୍ରକ ଜିଲାସ୍କୁଲଠାରେ ଜିଲାସ୍ତରୀୟ ରୋଲ୍ ପ୍ଲେ ଓ ଫକ୍ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରୋଲ୍ ପ୍ଲେରେ ଜିଲା ସ୍କୁଲର ୯ମ ଶ୍ରେଣୀ ଛାତ୍ରୀଛାତ୍ର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ଉନ୍ନୀତ ହୋଇଛନ୍ତି। ମୋବାଇଲ ଓ ଇଣ୍ଟରନେଟର ଅପବ୍ୟବହାର, ଏହାର ସଦୁପଯୋଗ ଉପରେ ପର୍ଯ୍ୟବସିତ ଏହି ବିଷୟରେ ଶିକ୍ଷକ ରତିକାନ୍ତ ବେହେରା ନିର୍ଦ୍ଦେଶନା ଦେଇଥିଲେ। ଛାତ୍ର ଲକ୍ଷ୍ମଣ ବେହେରା, ସତ୍ୟବ୍ରତ ସେଠୀ, ମୋନାଲିସା ଲାଲ, ଆକାଂକ୍ଷା ଦେବ, ରଞ୍ଜିତା ଦାସ ଓ ଦିଲକସ୍ ନାଗର ଅଂଶଗ୍ରହଣ କରିଥିଲେ। ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁ। ସରୋଜ ପ୍ରଧାନ, ମନୋଜ ବେହେରା ଓ କରୁଣାକର ନାୟକ ସହଯୋଗ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ମଲ୍ଲିକ ଓ ଅନାଦି ଦାସ ଯୋଗ ଦେଇଥିଲେ।

# ରାଜ୍ୟସ୍ତରୀୟ ଆଲୋଚନାଚକ୍ର

**ଭଦ୍ରକ ଅଫିସ, ୧୨ା୯**



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓ ସ୍ନାତକ ଇଂଲିଶ ବିଭାଗ ପକ୍ଷରୁ ଶିକ୍ଷାନୁଷ୍ଠାନର ସମ୍ମେଳନ କକ୍ଷରେ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ୱମେନିଜିମ୍: ଫେମିନିଜିମ୍ ନାଓ ଶୀର୍ଷକ ଆଲୋଚନାଚକ୍ରରେ ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ଇଂଲିଶ ବିଭାଗୀୟ ମୁଖ୍ୟ ଡ. ସନ୍ତୋଷ କୁମାର ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରଫେସର ଅଶୋକ କୁମାର ଦାସ କର୍ମଶାଳାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ସୁଶାନ୍ତ କୁମାର ମଳିକ ଶୀର୍ଷକ ଅଭିଭାଷଣ ଦେଇଥିଲେ। ମୁଖ୍ୟଅତିଥି ତଥା ବିଷୟ ବିଶେଷଜ୍ଞ ଭାବେ ଡ. ଦେବାଶିଷ ପତି ଯୋଗଦେଇ ନାରୀବାଦର ସାମ୍ପ୍ରତିକ ସ୍ୱରୂପ ଓ ସାହିତ୍ୟ କ୍ଷେତ୍ରରେ ଏହାର ଭୂମିକା ତଥା ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ଛାତ୍ରୀଛାତ୍ରଙ୍କ ମଧ୍ୟରୁ କରିସ୍ମା ପ୍ରଧାନ, ତମଳିକା ଦାସ, ପ୍ରିୟଙ୍କା ପଣ୍ଡା, ସ୍ମୃତିରେଖା ପତି ଓ ସିଦ୍ଧାନ୍ତ ଲାଲ ସ୍ୱରଚିତ ସନ୍ଦର୍ଭ ପାଠ କରିଥିଲେ। ବିଭାଗୀୟ ସଦସ୍ୟ ସୌମେନ୍ ମହାପାତ୍ର, ସୁବ୍ରତ କର, ସୌମ୍ୟରଞ୍ଜନ ପାଣିଗ୍ରାହୀ, ନିହାରିକା ପ୍ରିୟଦର୍ଶିନୀ ପାତ୍ର, ଶାକମ୍ଭରୀ ଦାଶ, ସନ୍ଧ୍ୟାରାଣୀ ପୁହାଣ ଓ ରେଣୁକା ଖଣ୍ଡେଲ୍‌ୱାଲ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ଦତ୍ତାତ୍ରେୟ ଦାଶ ଧନ୍ୟବାଦ ଦେଇଥିଲେ।

# ସଫେଇ କାର୍ଯ୍ୟକ୍ରମ, ଚାରାରୋପଣ

**ବନ୍ତ, ୧୨ା୯ (ଡି.ଏନ.ଏ.)**

ବନ୍ତ ବ୍ଲକ ଷେଣ୍ଡତୀରାସ୍ଥିତ ଶ୍ରୀ ଗଣେଶ ୟୁଥ୍ କ୍ଲବ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କ୍ଲବର ସଭାପତି ସୁନୀଲ ସେନାପତି, ସମ୍ପାଦକ ସଞ୍ଜୀବ ଖଣ୍ଡେଇଙ୍କ ନେତୃତ୍ୱରେ ଅଭିଜିତ୍ ବେହେରା, ରଶ୍ମିରଞ୍ଜନ ସେନାପତି, ବାସୁଦେବ ଷେଣ୍ଡ, ଅବିନାଶ ପାତ୍ରୀ, ଶୁଭ ଜେନା, ଶଶିକାନ୍ତ ଜେନାଙ୍କ ସମେତ ବହୁ ସଦସ୍ୟ ଷେଣ୍ଡତୀରା ବଜାର, ବିଦ୍ୟାଳୟ ସମ୍ମୁଖ ରାସ୍ତା ଓ ପୂଜା ମଣ୍ଡପ ଆଦି ବିଭିନ୍ନ ସ୍ଥାନ ସଫେଇ କରିଥିଲେ। ସରପଞ୍ଚ ପ୍ରେମଲତା ପ୍ରଧାନ, ଷେଣ୍ଡତୀରା ସମବାୟ ସମିତି ସଭାପତି ପ୍ରେମାନନ୍ଦ ନାୟକ, ପଞ୍ଚାୟତ ବିଜେଡି ସଭାପତି ହୃଷୀକେଶ ପାତ୍ର, ଅଭିଜିତ୍ ସାହୁ, ଆଲୋକ ଖୁଣ୍ଟିଆ, ସରୋଜ ସ୍ୱାଇଁ ଓ ମନୋଜ ସ୍ୱାଇଁ ଯୋଗ ଦେଇଥିଲେ।

ସେହିପରି କ୍ଲବ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଥିଲା। ସଦସ୍ୟମାନେ କ୍ଲବ, ବିଦ୍ୟାଳୟ ଓ ଖେଳପଡିଆ ଆଦି ସ୍ଥାନରେ ଆକାଶିଆ, ୟୁକାଲିପଟାସ୍ ଓ ସୁନାରି ଭଳି ବିଭିନ୍ନ ଚାରା ଲଗାଇବା ସହ ଲୋକଙ୍କୁ ସଚେତନ କରାଇଥିଲେ। କ୍ଲବ ସଭାପତି ସେନାପତି, ସମ୍ପାଦକ ଖଣ୍ଡେଇଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ଭାସ୍କର ଚନ୍ଦ୍ର ପାତ୍ରୀ ଓ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାମଲ ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : balasoreselfie@gmail.com


ମିଟନ


ରାଜ୍


ରଶ୍ମିରଞ୍ଜନ


ଆଭାସ


ଜୁଲି

## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ରାଇରଙ୍ଗପୁର,୧୨।୯(ଡି.ଏନ୍.ଏ.):** ରାଇରଙ୍ଗପୁର ସହରାଞ୍ଚଳର ଏକ ବସ୍ତି ଅଞ୍ଚଳରେ ଜନୈକା ଯୁବତୀଙ୍କୁ ଏକୁଟିଆ ପାଇ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଗୋରୁମହିଷାଣୀ ଥାନା ଅନ୍ତର୍ଗତ କାଳିମାଟି ଗ୍ରାମର ସୁନ୍ଦରମୋହନ ମୁର୍ମୁ। ଏଥିନେଇ ଥାନାରେ ଏକ ମାମଲା (ନଂ.୧୦୮/୧୯) ରୁଜୁ ହୋଇଛି। ଅସଦାଚରଣ ବେଳେ ଯୁବତୀଙ୍କ ଚିତ୍କାର ଶୁଣି କେତେକ ଗ୍ରାମବାସୀ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ପାଚିକା-ସହାୟିକା ନିଯୁକ୍ତିରେ ଅନିୟମିତତା

**ବଡ଼ସାହି,୧୨।୯(ସ୍ୱ.ପ୍ର.):** ବଡ଼ସାହି ବ୍ଲକର ଖାନୁଆ ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ପାଚିକା-ସହାୟିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ନିଯୁକ୍ତି ପାଇଥିବା ମହିଳା ଜଣଙ୍କ ମିଥ୍ୟା ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏଥିନେଇ ଗ୍ରାମବାସୀ ବଡ଼ସାହି ବିଇଓ ଏବଂ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ନିଯୁକ୍ତି ପାଇଥିବା ମହିଳା ଜଣକ ସ୍ୱଚ୍ଛଳ ବର୍ଗର ହୋଇଥିବା ଓ ତାଙ୍କ ନାମରେ ଗୋଟିଏ ୪ ଚକିଆ, ଗୋଟିଏ ୩ ଚକିଆ ଓ ଗୋଟିଏ ୬ ଚକିଆ ଗାଡି ରହିଛି। ସମସ୍ତ ପ୍ରମାଣପତ୍ର ସହିତ ଗ୍ରାମବାସୀ ମନୋରଞ୍ଜନ ନାଏକ, ଡାକେ ସିଂ, ବାଲେ ସିଂ, ଜାତି ସିଂ, ଭଗବାନ ବେହେରା, ହେମେନ୍ଦ୍ର ଗିରି ଓ ଆଶିଷ ସାହୁ ଅଭିଯୋଗ କରିଛନ୍ତି। ପାଚିକା-ସହାୟିକା ପାଇଁ ଗ୍ରାମର ଅସହାୟ ମହିଳାଙ୍କୁ ପ୍ରାଥମିକତା ଦେଇ ନିଯୁକ୍ତି ଦେବାର ନିୟମ ଥିବା ବେଳେ ଉକ୍ତ ମହିଳାଙ୍କୁ କିଭଳି ନିଯୁକ୍ତି ମିଳିଲା ତାହାର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବଡ଼ସାହି ବିଇଓ ଦେବବ୍ରତ ବାରିକ କୁହନ୍ତି, ଅଭିଯୋଗ ପାଇବା ପରେ ତଦନ୍ତ ପାଇଁ ଆଦେଶ ଦେଇଛି, ଅନିୟମିତତା ସମ୍ପର୍କରେ ପ୍ରମାଣ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବିନୋବା ଭାବେଙ୍କ ଜୟନ୍ତୀ

**କପ୍ତିପଦା,୧୨।୯(ଡି.ଏନ.ଏ.):** କପ୍ତିପଦା ବ୍ଲକ ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତ ଅନ୍ତ୍ୟୋଦୟ ଚେତନାମଣ୍ଡଳୀ ପରିସରରେ ବୁଧବାର ବିନୋବା ଭାବେଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଅଧକ୍ଷ ଭଗବାନ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡୁରାମ ସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ତୁଳସୀ ମୁର୍ମୁ, ଲାବଣ୍ୟଦେଇପୁର ନାଏବ ସରପଞ୍ଚ ଚନ୍ଦ୍ର ମୋହନ ସିଂ ଓ ସମାଜସେବୀ ଜୟ ମୁର୍ମୁ ପ୍ରମୁଖ ଯୋଗଦେଇ ସନ୍ଥ କବି ବିନୋବା ଭାବେଙ୍କ ସ୍ମୃତିଚାରଣ କରିଥିଲେ। ଏସିଏମର ସଂଯୋଜକ ପୀତାମ୍ବର ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

■ ଶାଳଚୁଆ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣା

# ନ୍ୟାୟ ଦାବିରେ ଥାନାରେ ହୋହଲ୍ଲା

■ବ୍ୟବଚ୍ଛେଦ ରିପୋର୍ଟକୁ ଅନୁଧାନ କରି ମାମଲା ରୁଜୁ ହେବ-ଥାନା ଅଧିକାରୀ

■ଉଚିତ ପଦକ୍ଷେପ ନ ନେଲେ ଆନ୍ଦୋଳନ ଜୋର୍‌ଦାର ହେବ- ଗ୍ରାମବାସୀ

**କପ୍ତିପଦା,୧୨।୯(ଡ଼ି.ଏନ୍.ଏ)**

କପ୍ତିପଦା ବ୍ଲକ୍ ଅଧୀନ ଶାଳଚୁଆ ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନିବାସରେ ରହୁଥିବା ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ମୃତ ଛାତ୍ରୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ରଖି ପୋଲିସ ମାମଲା ରୁଜୁ କରୁ ନ ଥିବା ପ୍ରତିବାଦରେ ଗୁରୁବାର ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ କପ୍ତିପଦା ଥାନାରେ ପହଞ୍ଚି ହୋହଲ୍ଲା କରିଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ନ ମିଳିଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ମୃତ ଛାତ୍ରୀ ଜଣକ ହେଲେ ଶରତ ଥାନା ଅଧୀନ ଦେଓ୍ୱାନବାହାଳୀ ପଞ୍ଚାୟତ ବିଷ୍ଣୁଗାଁର ଉଦୟ ସିଂଙ୍କ ଝିଅ ଦୁର୍ଗାଦେବୀ ସିଂ(୧୬)। ଗତ ୨୯ ତାରିଖରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିନେଇ କଟକ ମଙ୍ଗଳବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ଦୁର୍ଗାଙ୍କ ମାଉସୀ ଫୁଲେଶ୍ୱରୀ ସିଂ ସେହିଦିନ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ବେଳେ ତାଙ୍କୁ ଏତଲାର ନକଲ ମଧ ଅଦ୍ୟାବଧି ପ୍ରଦାନ କରାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି। ଗୁରୁବାର ପୁନଶ୍ଚ ଏକ ଏତଲା ମୃତ ଛାତ୍ରୀଙ୍କ ମାଉସୀ କପ୍ତିପଦା ଥାନାରେ ପ୍ରଦାନ କରିବା ସହିତ ଉଦଳା ଏସଡିପିଓ ସ୍ୱପ୍ନରଞ୍ଜନ ମହାପାତ୍ରଙ୍କୁ ସାକ୍ଷାତ କରି ଉଚିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ମୃତ ଛାତ୍ରୀଙ୍କ ହାତଲେଖା ଚିଠି, ବ୍ୟବଚ୍ଛେଦ ରିପୋର୍ଟ ସମ୍ପର୍କରେ ପରିବାରବର୍ଗଙ୍କୁ ଅନ୍ଧାରରେ ରଖାଯାଉଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଉପଯୁକ୍ତ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଛାତ୍ରୀଙ୍କ ମୃତ୍ୟୁ ପରେ ଗତ ୩୦ ତାରିଖରେ ଅଞ୍ଚଳବାସୀ କପ୍ତିପଦା-ଶରତ ରାସ୍ତାର ହଦଗୁଠ ଛକ ନିକଟରେ ମୃତଦେହ ରାସ୍ତା ଉପରେ ରଖି କ୍ଷତିପୂରଣ ଦାବି କରିଥିଲେ। ଖବରପାଇ କପ୍ତିପଦା ପିଏ ଆଇଟିଡିଏ ବିଧାନଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ଗୌରହରି ମହାନ୍ତ, ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର ଓ ମଙ୍ଗଳ ଅଧିକାରୀ ଉଦଳା ସୁରେଶ ଚନ୍ଦ୍ର ଜିତବାବୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ମୃତ ଛାତ୍ରୀଙ୍କ ପରିବାର ବର୍ଗଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ମାତ୍ର ଅନ୍ୟାନ୍ୟ ବିଭାଗୀୟ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ମଧ ଅଦ୍ୟାବଧି ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ତାହା ଦିଆଯାଇ ନାହିଁ।

ଉଲ୍ଲେଖଯୋଗ୍ୟ ଯେ, ଗତ ଅଗଷ୍ଟ ୨୮ ତାରିଖ ପୂର୍ବାହ୍ନ ୯ଟାଠାରୁ ଦୁର୍ଗା କୌଣସି କାରଣ ବଶତଃ ନ ଖାଇ ଓ କ୍ଲାସ ନ ଯାଇ ଛାତ୍ରୀନିବାସରେ ଶୋଇଥିଲେ। ପ୍ରଧାନ ଶିକ୍ଷକ ନିଜେ ଉକ୍ତ କ୍ଲାସର କ୍ଲାସ ଟିଚର ହୋଇଥିବା ସତ୍ତ୍ୱେ ଦୁର୍ଗା ଛାତ୍ରୀ ନିବାସରେ ରହି କ'ଣ ପାଇଁ ବିଦ୍ୟାଳୟକୁ ଆସି ନାହାଁନ୍ତି ସେ ସମ୍ପର୍କରେ କିଛି ବୁଝି ନ ଥିବା ତାଙ୍କ ପରିବାର ବର୍ଗ କହିଛନ୍ତି। ସେ ଦିନ ତମାମ ଶୋଇ ରହିଥିବାବେଳେ ପ୍ରଧାନଶିକ୍ଷକ, ସୁପରିଣ୍ଟେଣ୍ଡେଣ୍ଟ କିମ୍ବା ମାଟ୍ରନଙ୍କ ପକ୍ଷରୁ ତାଙ୍କ ସମ୍ପର୍କରେ କୌଣସି ଖବର ରଖାଯାଇ ନ ଥିଲା। ବୁଧବାର ରାତି ୮ଟା ସମୟରେ ଦୁର୍ଗାଙ୍କ ବାନ୍ତି ହେବା ପରେ ତାଙ୍କୁ ନେଇ ପ୍ରଥମେ କପ୍ତିପଦା ପରେ ଉଦଳା ଓ ତାପରେ ବାରିପଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ପ୍ରଧାନ ଶିକ୍ଷକ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ଦାୟିତ୍ୱହୀନତା ପାଇଁ ଏପରି ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କପ୍ତିପଦା ଥାନାଧିକାରିଣୀ ରୀନା ବେହେରାଙ୍କୁ ପଚାରିବାରୁ ପ୍ରଥମ ଏତଲା ଅନୁଯାୟୀ ଷ୍ଟେସନ ଡାଏରୀ ହୋଇ ତଦନ୍ତ ଜାରି ରହିଛି। ସମସ୍ତ ଘଟଣାକୁ ଭିଡିଓଗ୍ରାଫି କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟକୁ ଅନୁଧାନ କରି ମାମଲା ରୁଜୁ ହେବ ବୋଲି କହିଛନ୍ତି।



ଗ୍ରାମବାସୀଙ୍କ ପକ୍ଷରୁ କପ୍ତିପଦା ଥାନା ସମ୍ମୁଖରେ ନ୍ୟାୟ ଦାବିରେ ପ୍ରତିବାଦ।

### ଅଙ୍ଗନୱାଡି କର୍ମୀଙ୍କୁ ମାଡ଼ ଘଟଣା, ଅଭିଯୁକ୍ତ ଗିରଫ

**ରାଇରଙ୍ଗପୁର,୧୨।୯(ଡି.ଏନ.ଏ.)**

ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଟେଷ୍ଟପୋଷି ଗ୍ରାମସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ରରେ ଅଣ୍ଡା ବଣ୍ଟନକୁ କେନ୍ଦ୍ରକରି ତୁମୁଳକାଣ୍ଡ ଘଟିଥିଲା। ନିୟମ ଉଲ୍ଲଂଘନ କରି ଅଣ୍ଡା ନେଉଥିବା ଜଣେ ବ୍ୟକ୍ତିଙ୍କୁ ଅଙ୍ଗନୱାଡି କର୍ମୀ ବାରଣ କରିବାରୁ ସେ ଅଙ୍ଗନୱାଡି କର୍ମୀଙ୍କୁ ନିସ୍ତୁକ ମାଡ଼ ମାରି ଗୁରୁତର ଆହତ କରିଥିଲେ। ଏଥିନେଇ ଥାନାରେ ଅଭିଯୋଗ ହୋଇଥିଲା। ଘଟଣା ଦିନଠାରୁ ଅଭିଯୁକ୍ତ ଫେରାର ହୋଇ ଯାଇଥିଲେ। ମଙ୍ଗଳବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସେକ୍ ଅହମ୍ମଦ।

### ଚାରା ରୋପଣ କାର୍ଯ୍ୟକ୍ରମ

**କୁଆମରା,୧୨।୯(ଡି.ଏନ୍.ଏ.)**

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପଣ୍ଡୁଦା ବିଜୁ ଯୁବ ବାହିନୀ ପକ୍ଷରୁ ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୦ ଚାରା ରୋପଣ କରାଯାଇ ଥିଲା। ଶିକ୍ଷା କେନ୍ଦ୍ରର ସମ୍ପାଦକ ଡକ୍ଟର କୁମାର ବାବୁଲି ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଯୁବ ବାହିନୀର ସଭାପତି ରାଧାକୃଷ୍ଣ ପାତ୍ର, ସମ୍ପାଦକ ତଥାଗତ ରାଉତ, କାର୍ତ୍ତିକ ଚନ୍ଦ୍ର ସାହୁ, ତୁଷାରକାନ୍ତ ରାଉତ, ହିମାଂଶୁ ସାହୁ, ସତ୍ୟବ୍ରତ ପ୍ରଧାନ, ପ୍ରକାଶ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

## ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ ଓ କୃତ୍ରିମ ଗର୍ଭଧାରଣ କାର୍ଯ୍ୟକ୍ରମର ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ବାରିପଦା ଅଫିସ,୧୨।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ ଏବଂ ଦେଶବ୍ୟାପୀ କୃତ୍ରିମ ଗର୍ଭଧାରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଲାଇଭ ୱେବ ଟେଲିକାଷ୍ଟିଂ ମାଧ୍ୟମରେ ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏଥିନେଇ ଶାମାଖୁଣ୍ଟାସ୍ଥିତ କୃଷିବିଜ୍ଞାନ କେନ୍ଦ୍ରରେ ୧୫୦ରୁ ଉର୍ଦ୍ଧ୍ୱ ଅଗ୍ରଣୀ ପ୍ରାଣୀପାଳକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଏମ୍‌ପି ଇଂ. ବିଶେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଫଏମଡି ଏବଂ ବ୍ରୁସେଲେସିସ ଟିକାକରଣ ଯୋଜନାକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଦେଶରୁ ଏହି ଦୁଇଟି ରୋଗର ସମ୍ପୂର୍ଣ୍ଣ ନିରାକରଣ ଟିକା ଦ୍ୱାରା ସମ୍ଭବ ହୋଇପାରିବ ବୋଲି ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶଶାଙ୍କ ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗ ଦେଇଥିଲେ। ପ୍ରାଣୀ ଚିକିତ୍ସା ଅଧିକାରୀ ଡା.କୁନ୍ଦନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶାମାଖୁଣ୍ଟା ବ୍ଲକରୁ ଆସିଥିବା ପଶୁପାଳକମାନେ ଟିକାକରଣ କରିଥିଲେ। ଜିଲାର ଦୁଇଟି କୃଷି ବିଜ୍ଞାନ କେନ୍ଦ୍ର ଏବଂ ପ୍ରାଣୀ ସମ୍ପଦ ବିଭାଗର ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ.ସଂଘମିତ୍ରା ପଟ୍ଟନାୟକ ପରିଚାଳନା କରିଥିଲେ। ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ.ଦୀପକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

**ରାଇରଙ୍ଗପୁର,୧୨।୯(ଡି.ଏନ୍.ଏ.)**

ରାଇରଙ୍ଗପୁର ସହରାଞ୍ଚଳ ସମେତ ସବ୍‌ଡିଭିଜନ ଅନ୍ତର୍ଗତ ୭ଟି ବ୍ଲକ୍‌ରେ ବୁଧବାର ରାତିଠାରୁ ଗୁରୁବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଲଗାଣ ବର୍ଷା ଲାଗି ରହିଥିଲା। ଏଥିନେଇ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲା। ଏହି ସବ୍‌ଡିଭିଜନର କୁସୁମୀ ବ୍ଲକ ଅଞ୍ଚଳରେ ସର୍ବାଧିକ ୫ ମି.ମି ବୃଷ୍ଟିପାତ ହୋଇଥିବା ବେଳେ ବହଳଦା ବ୍ଲକ ଅଞ୍ଚଳରେ ସର୍ବାଧିକ ୪ ମିମି ବୃଷ୍ଟିପାତ ହୋଇଛି। ସେହିଭଳି ରାଇରଙ୍ଗପୁର ସହରାଞ୍ଚଳରେ ୨୩ ମି.ମି, ବିଜାତଳା ବ୍ଲକରେ ୧୧.୪ ମି.ମି, ବିଶୋଇ ବ୍ଲକରେ ୧୧ ମି.ମି, ଯାମଦା ବ୍ଲକ୍‌ରେ ୮ ମି.ମି ଏବଂ ତିରିଂ ବ୍ଲକ୍‌ରେ ୪.୨ ମି.ମି ବୃଷ୍ଟିପାତ ହୋଇଥିବା ରେକର୍ଡ କରାଯାଇଛି।

### +୩ ଅଫ୍ ଲାଇନ ନାମଲେଖା ପାଇଁ ସୁଯୋଗ ଦେବାକୁ ଦାବି

**ବାରିପଦା ଅଫିସ,୧୨।୯**

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଦ୍ୱିତୀୟ ପର୍ଯ୍ୟାୟ ନାମ ଲେଖା ଆରମ୍ଭ ହୋଇଛି। ଏହା ଚଳିତ ମାସ ୧୩ ତାରିଖରେ ଶେଷ ହେବ। ମାତ୍ର ମୟୂରଭଞ୍ଜ ଜିଲାର ବହୁ କଲେଜରେ +୩ ଶ୍ରେଣୀରେ ସ୍ଥାନ ଖାଲି ରହିଛି। ଯେଉଁମାନେ ଦ୍ୱିତୀୟ ପର୍ଯ୍ୟାୟ ଅନଲାଇନ ଆବେଦନ କରିଥିଲେ ସେମାନେ ସମସ୍ତେ ନାମ ଲେଖାଇବା ପାଇଁ ସୁଯୋଗ ପାଇ ନାହାନ୍ତି। ମହାବିଦ୍ୟାଳୟମାନଙ୍କରେ ସିଟ୍ ଖାଲିଅଛି ଏବଂ ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ର ଆବେଦନ କରିଛନ୍ତି କିନ୍ତୁ ସେମାନଙ୍କୁ ଆଡମିଶନ କରିବା ପାଇଁ ସାମ୍‌ସ ତରଫରୁ ଚୟନ କରାଯାଇନାହିଁ। ସାଧାରଣତଃ ନାମଲେଖାଇବା ନିମନ୍ତେ ବିଭିନ୍ନ ବର୍ଗ ପାଇଁ ରାଜ୍ୟ ସରକାର ସ୍ଥାନ ସଂରକ୍ଷଣ କରିଥାନ୍ତି। ଚଳିତ ବର୍ଷ ଦ୍ୱିତୀୟ ପର୍ଯ୍ୟାୟ ନାମ ଲେଖା ଚାଲିଥିବା ବେଳେ ସଂରକ୍ଷଣ ପାଇଁ ରଖାଯାଇଥିବା ସିଟ୍ ପାଇଁ ଆବେଦନକାରୀ ନ ଥିଲେ ମଧ ତାକୁ ଅଣ-ସଂରକ୍ଷଣଭୁକ୍ତ କରାଯାଇ ନ ଥିବା କୁହାଯାଉଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସଚେତନ ନାଗରିକ ମଞ୍ଚ ସଭାପତି ତଥା ପୂର୍ବତନ ବିଧାୟକ କିଶୋର ଦାଶ ଦାବି କରିଛନ୍ତି। ମହାବିଦ୍ୟାଳୟ ମାନଙ୍କରେ ଖାଲିଥିବା ସ୍ଥାନ ପୂରଣ ନିମନ୍ତେ ସରକାର ମହାବିଦ୍ୟାଳୟମାନଙ୍କୁ ଅଫ୍ ଲାଇନ ନାମ ଲେଖା ବା ସ୍ପଟ ନାମ ଲେଖା କରାଇବାକୁ ସୁଯୋଗ ଦେବା ନିମନ୍ତେ ସଚେତନ ନାଗରିକ ମଞ୍ଚ ସାଧାରଣ ସମ୍ପାଦକ ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏକାଡେମିକ କାଉନସିଲ ସଦସ୍ୟ ପ୍ରଦୀପ ନାୟକ ଦାବି କରିଛନ୍ତି।

## ଲକ୍ଷ୍ମୀକାନ୍ତ କଲେଜର ଶିକ୍ଷା ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ବାଙ୍ଗିରିପୋଷି,୧୨।୯(ଡି.ଏନ୍.ଏ.)**

ଲକ୍ଷ୍ମୀକାନ୍ତ କଲେଜରେ ଶିକ୍ଷା ବିଭାଗ ତରଫରୁ ନବାଗତ ପ୍ରଥମ ବର୍ଷ ଶିକ୍ଷା ସମ୍ମାନ ଛାତ୍ରୀଛାତ୍ରଙ୍କ ଲାଗି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷା ତଥା ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପିକା ଡ.ପୁଷ୍ପାରାଣୀ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ପବିତ୍ରମୋହନ ଦାଶ ଯୋଗଦେଇ ପିଲାମାନଙ୍କୁ ଉତ୍ତମ ବ୍ୟକ୍ତିତ୍ୱର ଅଧିକାରୀ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ହିରଣ୍ମୟୀ ପ୍ରଧାନ ଛାତ୍ରୀଛାତ୍ରମାନଙ୍କ ପାଇଁ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ବିଭାଗର ଅତିଥି ଅଧ୍ୟାପକ ଅଶୋକ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିବା ସହିତ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଗୋଲାପ ଫୁଲ ଓ ଉପହାର ଦେଇ ବିଭାଗକୁ ସ୍ୱାଗତ କରିଥିଲେ। ମୋନାଲୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଦିବାସୀ ସମ୍ପ୍ରଦାୟର ପ୍ରସିଦ୍ଧ ଯାନ୍ତାଳ ମେଳା

**ରାଇରଙ୍ଗପୁର,୧୨।୯(ଡି.ଏନ୍.ଏ.)**

ପ୍ରତିବର୍ଷ ଭଳି ଚଳିତବର୍ଷ ରାଇରଙ୍ଗପୁର ସବଡିଭିଜନର ଯାମଦା ଥାନା ଅନ୍ତର୍ଗତ କଇଁଫୁରା ଗ୍ରାମନିକଟସ୍ଥ ପାଖଣାପାଟ ପାହାଡ଼ ପାର୍ଶ୍ୱରେ ଆରମ୍ଭ ହୋଇଥିବା ଆଦିବାସୀ ସମ୍ପ୍ରଦାୟର ପ୍ରସିଦ୍ଧ ଯାନ୍ତାଳ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପାଖଣାପାଟ ପାହାଡ଼ର ଏକ ଗୁମ୍ଫାରେ ଥିବା ବାବା ନରସିଂହ ଦେବଙ୍କ ନିକଟରେ ରାଇରଙ୍ଗପୁର ସମେତ ମୟୂରଭଞ୍ଜ ଜିଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ୩ ଦିନ ବ୍ୟାପି ଅନୁଷ୍ଠିତ ଏହି ମେଳାରେ ଲକ୍ଷାଧିକ ଜନସମାଗମ ହୋଇଥିଲା। ପ୍ରବଳ ଜନସମାଗମ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସେହିପରି ଯାମଦା ଥାନା ଅନ୍ତର୍ଗତ ବାନ୍ଧୁଡୁମା ଗ୍ରାମରେ ଯାନ୍ତାଳ ମେଳା ହୋଇଥିଲା।

## ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚର ଆଲୋଚନାଚକ୍ର

**ବାରିପଦା ଅଫିସ,୧୨।୯**

ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ମିଶନ ସାଇନ୍ସ ଏକାଡେମୀ ପରିସରରେ ଶାସ୍ତ୍ରୀୟ ମାନ୍ୟତାରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ଅବଦାନ ବିଷୟରେ ଏକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ.ସରୋଜ କୁମାର ନାୟକ ସଭାପତିତ୍ୱ କରି ଶାସ୍ତ୍ରୀୟ ମାନ୍ୟତା ପାଇଁ କୌଣସି ଭାଷାର ପ୍ରାଚୀନତା, ସ୍ୱତନ୍ତ୍ରତା, ଗ୍ରନ୍ଥ ବହୁଳତା ରହିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଏମପିସି ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ହରିହର ଦାସ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହିଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ କିପରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି ସେ ବିଷୟରେ ଆଲୋଚନା କରିଥିଲେ। ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତାରେ ବିଭିନ୍ନ କବିମାନଙ୍କର ଅବଦାନ ପ୍ରତି ଓଡ଼ିଆଙ୍କୁ ଗର୍ବିତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାରସକଣା ବ୍ଲକର ଶିକ୍ଷକ ଅଶୋକ ମହାପାତ୍ର ଯୋଗଦେଇ ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମିସନ୍ସ ସାଇନ୍ସ ଏକାଡେମୀର ନିର୍ଦ୍ଦେଶକ ଅଧ୍ୟାପକ ଅଶୋକ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ସୁନିତା ରାଣୀ, କନକରାଣୀ ମହାନ୍ତ, ଦିଲୁ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରବୃନ୍ଦ।

## ଆନ୍ତଃ ଜିଲା କଲେଜସ୍ତରୀୟ ବୈଜ୍ଞାନିକ ମେଧା ଅନ୍ୱେଷଣ

**ବାରିପଦା ଅଫିସ,୧୨।୯**

ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ସଭାଗୃହରେ ସାମାଜିକ ଅନୁଷ୍ଠାନ ଆହ୍ୱାନ ପକ୍ଷରୁ ଯୁକ୍ତ ୨ ଓ ଡିଗ୍ରୀ ବିଜ୍ଞାନ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଆନ୍ତଃଜିଲା କଲେଜସ୍ତରୀୟ ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କ ନିଜସ୍ୱ ଉଦ୍‌ଭାବନ ବୈଜ୍ଞାନିକ ପ୍ରକଳ୍ପଗୁଡିକର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ମହାବିଦ୍ୟାଳୟ ସମେତ ଭୁବନେଶ୍ୱରର ପ୍ରାୟ ୧୨୦ ଛାତ୍ରୀଛାତ୍ର ତଥା ବୈଜ୍ଞାନିକମାନଙ୍କ ପ୍ରସ୍ତୁତ ୩୮ଟି ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା। ପ୍ରକଳ୍ପଗୁଡିକୁ ଜୁନିୟର ଡିଗ୍ରୀ ଶ୍ରେଣୀରେ ଭାଗ କରାଯାଇଥିଲା। ବୈଜ୍ଞାନିକ ନିଳାଦ୍ରୀ ରାୟ, ଡ.ହିମାଂଶୁ ଶେଖର ପଣ୍ଡା, ଡ.ରଞ୍ଜନ କୁମାର ଦ୍ୱାରୀ ପ୍ରମୁଖ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ଜୁନିୟର ବିଭାଗରେ ବାଲେଶ୍ୱର ଡିଏଭି ପବ୍ଲିକ ସ୍କୁଲର ଅଖିଳେଶ ପାଣି, ଆଶିଷ ବାରିକ ଓ ଜ୍ୟୋତିସ୍ମିତା ଦାଶଙ୍କ ପ୍ରକଳ୍ପ ପ୍ରଥମ, ବାରିପଦା ସତ୍ୟସାଇ ବିଦ୍ୟା ବିହାରର ଅନୁଭବ ଷଡଙ୍ଗୀ, ଅବିନାଶ ମାରାଣ୍ଡି ଓ ଅବିନାଶ ସାହୁଙ୍କ ପ୍ରକଳ୍ପ ଦ୍ୱିତୀୟ ଏବଂ ଚାନ୍ଦିପୁର ସ୍ଥିତ ରେଞ୍ଜ ସ୍କୁଲର ପୂର୍ଣ୍ଣବୀ ଟୁଡୁ, ପେରୀ ସତଭକା ଓ ଗାୟତ୍ରୀ ଧଳଙ୍କ ପ୍ରକଳ୍ପ ତୃତୀୟ ସ୍ଥାନ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ସେହିପରି ଡିଗ୍ରୀ ବିଭାଗରେ ବାଲେଶ୍ୱର ଜିଲା କେକେଏସ ମହିଳା ମହାବିଦ୍ୟାଳୟ ବନସ୍ମିତା ତ୍ରିପାଠୀ, ହିମାନି ଭୁକ୍ତା ଓ ସୁଦେଷ୍ଣା ଦେଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ, ବାରିପଦା ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟ ବାରିପଦାର ଶାଶ୍ୱତ ସୁମନ ପଣ୍ଡା, ନିର୍ନିମେଷ ମଲିକଙ୍କ ପ୍ରକଳ୍ପ ଦ୍ୱିତୀୟ ସ୍ଥାନ ଓ ଖାରପୋଖରିଆ ସ୍ଥିତ ସୀମାନ୍ତମହାବିଦ୍ୟାଳୟର ସୋମେନ ସାହୁଙ୍କ ପ୍ରକଳ୍ପ ତୃତୀୟ ସ୍ଥାନ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଦୀପ କୁମାର ଚାନ୍ଦ ମୁଖ୍ୟଅତିଥୀ ଓ ଭାରତ ସରକାରଙ୍କ ମହାକାଶ ଗବେଷଣା ସଂସ୍ଥାର ପୂର୍ବତନ ବୈଜ୍ଞାନିକ ପ୍ରଫେସର ଅଶୋକ କୁମାର ରଥ ସମ୍ମାନିତ ଅତିଥୀ ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଆହ୍ୱାନର ଆବାହକ ସତ୍ୟଦୀପ ନାୟକ ପ୍ରଦର୍ଶନୀ ସଭାରେ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ପଦ୍ମନାଭ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଫେସର ପ୍ରକାଶ ଚନ୍ଦ୍ର ମହାପାତ୍ର, ଅଜିତ କୁମାର କବାଟ, ସମଦତ୍ତ ପାଢ଼ୀ, ସତ୍ୟପ୍ରକାଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ମେଧା ଅନ୍ୱେଷା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥୀ ଓ ଛାତ୍ରୀଛାତ୍ରମାନେ।

## ସଂକ୍ଷେପରେ

### ମନମୁଖି କାର୍ଯ୍ୟ ବିରୋଧରେ କାର୍ଯ୍ୟାଳୟରେ ତାଲା

କେନ୍ଦୁଝର, ୧୨।୯(ଡି.ଏନ.ଏ.)- କେନ୍ଦୁଝର ସଦର ବ୍ଲକ ଏକ ପଞ୍ଚାୟତର ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଯାଇଛି। ମିଳିଥିବା ଖବର ଅନୁସାରେ, ଉକ୍ତ ସରପଞ୍ଚ ପଞ୍ଚାୟତର ୱାର୍ଡମେମ୍ବରମାନଙ୍କୁ ଉପେକ୍ଷା କରି ସମସ୍ତ ଉନ୍ନୟନମୂଳକ କାମ ମନମୁଖୀ ଭାବେ କରି ଚାଲିଛନ୍ତି। ଠିକଣା ସମୟରେ ପଞ୍ଚାୟତ ବୈଠକ ଆହୂତ କରୁନଥିବା ସହ ୱାର୍ଡମେମ୍ବରମାନଙ୍କୁ ଅଣଦେଖା କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲାପାଳଙ୍କୁ ଜଣାଇଥିଲେ ମଧ ଏହାର କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି। ଗୁରୁବାର ସରପଞ୍ଚଙ୍କ ସହ ୱାର୍ଡମେମ୍ବରମାନଙ୍କ ଯୁକ୍ତିତର୍କ ହେବା ପରେ ସରପଞ୍ଚ ଉଠି ଚାଲି ଯାଇଥିଲେ। ଏହାର ପ୍ରତିବାଦରେ ନିର୍ବାଚିତ ପ୍ରତିନିଧିମାନେ ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ।

### ଜବରଦଖଲରେ ସରକାରୀ ଜମି

ରାଇରଙ୍ଗପୁର,୧୨।୯(ଡି.ଏନ୍.ଏ.): ରାଇରଙ୍ଗପୁର ସହରାଞ୍ଚଳ ୧୦ ନଂ. ୱାର୍ଡ ଅଳାଁଡୁବା ବସ୍ତି ମଠ ପୋଖରୀ ପାର୍ଶ୍ୱ ଏକ ସରକାରୀ ଜମିରେ ବସ୍ତିବାସିନ୍ଦାଙ୍କ କରମପୂଜା ଧର୍ମସ୍ଥଳକୁ ବେଆଇନ ଭାବେ ଜଣେ ବ୍ୟକ୍ତି ଜବରଦଖଲ କରିବା ସହ କରମ ପୂଜା କରୁଥିବା କରମ ଗଛଟିକୁ କାଟିବା ଉଦ୍ୟମ ନେଇ ବସ୍ତିବାସିନ୍ଦାଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ବସ୍ତିର ଅମ୍ବିକା ଦାସ, ଜ୍ୟୋତ୍ସ୍ନା ମହାନ୍ତଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ, ଯୁବକ ଗୁରୁବାର ସ୍ଥାନୀୟ ରାଇରଙ୍ଗପୁର ଉପଜିଲାପାଳ ଧର୍ମାନନ୍ଦ ବେହେରା ଏବଂ ତହସିଲଦାର ଯୋଗରଞ୍ଜନ ନାୟକଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ସକାଶେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉଭୟ ଅଧିକାରୀ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### ଅନ୍ତ୍ୟୋଦୟ ଶିକ୍ଷାଶ୍ରମରେ ବିନୋବା ଭାବେଙ୍କ ଜୟନ୍ତୀ

ରାସଗୋବିନ୍ଦପୁର,୧୨।୯(ଡି.ଏନ୍.ଏ.)- ରଙ୍ଗାମାଟିଆସ୍ଥିତ ଅନ୍ତ୍ୟୋଦୟ ଚେତନାମଣ୍ଡଳ ମଧ ଇଂରାଜୀ ଓ ଉଚ୍ଚ ବିଦ୍ୟାଳୟରେ ସନ୍ଥ ବିନୋବା ଭାବେଙ୍କ ୧୨୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ ଲେଙ୍କାଙ୍କ ଅଧକ୍ଷତାରେ ଆୟୋଜିତ ଜୟନ୍ତୀ ସଭାରେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମହାପାତ୍ର, ମଳୟମଞ୍ଜରୀ ରଥ, ଶିକ୍ଷକ ହରିପଦ ବେହେରା, ପ୍ରକାଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିନୋବାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଭଜନ ପରିବେଷଣ ହୋଇଥିଲା। ପରେ ଛାତ୍ରଛାତ୍ରୀଙ୍କ ମଧରେ ସନ୍ଥ ବିନୋବାଙ୍କ ଜୀବନ ସମ୍ପର୍କରେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ପ୍ରାଙ୍ଗଣରେ ବିଭିନ୍ନ କିସମର ଫୁଲଚାରା ରୋପଣ କରାଯାଇଥିଲା।

■ବିନା ହେଲ୍‌ମେଟର କରୁଣ ପରିଣତି

# ଦୁର୍ଘଟଣା: ତିନି ଦିନରେ ୨ ମୃତ, ୮ ଗୁରୁତର

ଆନନ୍ଦପୁର,୧୨।୯(ସ୍ୱ.ପ୍ର.)

ରାଜ୍ୟରେ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ହାର ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବାବେଳେ ଏଥିରୁ ନିସ୍ତାର ପାଇଁ ସରକାରୀ ସ୍ତରରେ ପଦକ୍ଷେପ ଆରମ୍ଭ ହୋଇଛି। ଏଥିପାଇଁ ବାଇକ୍‌ଠାରୁ ଆରମ୍ଭ କରି ସବୁ ଯାନବାହନଗୁଡିକରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି ଆରମ୍ଭ ହୋଇଛି। ଏପରିକି ପୂର୍ବରୁ ବିନା ହେଲମେଟ୍ ବାଇକ୍ ଆରୋହୀଙ୍କଠାରୁ ୧୦୦ ଟଙ୍କା ଜରିମାନା ଆଦାୟ କରାଯାଉଥିବାବେଳେ ଏହାକୁ ପରିବର୍ତ୍ତନ କରାଯାଇ ୧୦୦୦ ଟଙ୍କା କରାଯାଇଛି। ତଥାପି ଲୋକମାନେ ସଚେତନ ହେଉନାହାନ୍ତି। ଫଳରେ ରାସ୍ତାରେ ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ମାତ୍ର କେତେଟଙ୍କା ପାଇଁ ଲୋକମାନେ ନିଜ ଜୀବନକୁ ବାଜି ଲଗାଇଲା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ହଜାରେ ଟଙ୍କାର ହେଲମେଟଟିଏ କିଣୁନାହାନ୍ତି ବରଂ ଦୁର୍ଘଟଣାର ଶିକାର ହୋଇ ଜୀବନ ଦେବାକୁ ପଛାଉନାହାନ୍ତି। ଅତି ଛୋଟିଆ ଉଦାହରଣ ଭାବେ ଆନନ୍ଦପୁର ସହରରେ ତିନି ମଧରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୮ରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି।

ସୂଚନାଯୋଗ୍ୟ ୯ ତାରିଖ ସୋମବାର ଆନନ୍ଦପୁର ପୌରପରିଷଦ ୭ ନଂ. ୱାର୍ଡ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସମ୍ମୁଖରେ ଏକ ଅଟୋ ସହ ବାଇକ୍ ଦୁର୍ଘଟଣା ଘଟି ଦୁଇ ଜଣ ଯୁବକ ଗୁରୁତର ଆହତ ହୋଇଥିଲେ। ଉଭୟ ଗୁରୁତରଙ୍କ ମଧରୁ ଆନନ୍ଦପୁରର ସନାତନ ରଣାଙ୍କ ପୁଅ ଅରିପ୍ରୀତମ ରଣା(୨୨) ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେହିଭଳି ୧୦ ତାରିଖ ମଙ୍ଗଳବାର ଆନନ୍ଦପୁର ପୌରପରିଷଦ ୮ ନଂ ୱାର୍ଡ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଘସିପୁରା ଥାନା କଳାବିଲା ଅଞ୍ଚଳର ଜବାନୀ ପୂର୍ତ୍ତି(୫୫) ଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ବାଇକ୍ ଚଳାଉଥିବା ତାଙ୍କ ପୁଅ ରାମ ପୂର୍ତ୍ତି(୨୪) ଗୁରୁତର ଆହତ ହୋଇ ଆନନ୍ଦପୁର ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେହିଭଳି ୧୧ ତାରିଖ ବୁଧବାର ପୌରପରିଷଦ ୧୩ ନଂ ୱାର୍ଡ ଶାଳପଡା ଠାରେ ୨୦ ନଂ ଜାତୀୟ ରାଜପଥ ଉପରେ ସଦାନନ୍ଦ ମହାନ୍ତ ନାମକ ଜଣେ ଉଦ୍ୟାନ ବିଭାଗ କର୍ମଚାରୀ ବାଇକ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ସେହିଦିନ ମଧାହ୍ନରେ ୧୩ ନଂ ୱାର୍ଡ ସୁଡୁସୁଡିଆ ରାସ୍ତାରେ ଦୁଇ ଗୋଟିଏ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସୂଚନା ଦିଆଯାଇଥିବା ସମସ୍ତ ବାଇକ୍ ଆରୋହୀ ବିନା ହେଲମେଟରେ ଯାତ୍ରା କରୁଥିଲେ। ଏପରିକି ମୃତ ଉଦ୍ୟାନ ବିଭାଗ କର୍ମଚାରୀ ସଦାନନ୍ଦ ମହାନ୍ତ ହେଲମେଟ ବ୍ୟବହାର ନ କରି ନିଜ ବାଇକରେ ଝୁଲାଇଦେଇଥିବା ଦେଖିବାକୁ ମିଳିଥିଲା। ତିନି ଦିନ ମଧରେ ଘଟିଯାଇଥିବା ଏହି ଲୋମହର୍ଷଣକାରୀ ଘଟଣାରେ ଯଦି ବାଇକ୍ ଆରୋହୀମାନେ ହେଲମେଟ ବ୍ୟବହାର କରିଥାନ୍ତେ ହୁଏତ କାହାର ଜୀବନ ବଞ୍ଚିଯାଇପାରିଥାନ୍ତା ଅବା ଗୁରୁତର ଆହତ ବ୍ୟକ୍ତିମାନେ ସାମାନ୍ୟ ଖଣ୍ଡିଆ ଖାବରାରେ ସୀମିତ ରହିଥାନ୍ତେ। ହେଲମେଟ ବ୍ୟବହାର ସମସ୍ତେ କରିବା ଉଚିତ ବୋଲି ସଚେତନ ହେବାକୁ ନିବେଦନ କରାଯାଉଛି।

# ପ୍ଲାଷ୍ଟିକମୁକ୍ତ ପଞ୍ଚାୟତ ଗଠନ ପାଇଁ ଆହ୍ୱାନ



ଚମ୍ପୁଆ,୧୨।୯(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମନୋରମା ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ପଟେଲ ମହାନ୍ତ, ପୂର୍ବତନ ସରପଞ୍ଚ କେଶବ ବେହେରା, ନାଏବ ସରପଞ୍ଚ କୁଳମଣି ନାଏକ, ଜିଆରଏସ ପୁଷ୍ପାଞ୍ଜଳି ନାଏକଙ୍କ ସମେତ ସମସ୍ତ ୱାର୍ଡମେମ୍ବର ଯୋଗ ଦେଇଥିଲେ। ଚଳିତ ମାସ ୧୧ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁସାରେ ପ୍ରତ୍ୟେକ ୱାର୍ଡ ଗୁଡିକରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏହା ସହିତ ପଞ୍ଚାୟତକୁ ପ୍ଲାଷ୍ଟିକ ମୁକ୍ତ ପଞ୍ଚାୟତ ଭାବେ ଗଢିତୋଳିବା, ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଘରେ ଘରେ ପାଇଖାନା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ସରପଞ୍ଚ ସୂଚନା ଦେଇଥିଲେ। ବର୍ଜ୍ୟବସ୍ତୁକୁ ସୁରକ୍ଷିତ ରଖି ନିୟମ ଅନୁସାରେ ନଷ୍ଟ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ସଫେଇ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଆନନ୍ଦପୁର,୧୨।୯(ସ୍ୱ.ପ୍ର.)–

ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ସକାଳୁ ସଫେଇ କର୍ମଚାରୀମାନେ ଦରମା ନ ପାଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ମେଡିକାଲ ପରିସରରେ ସଫେଇ କାର୍ଯ୍ୟ ଠପ୍ ହୋଇଯାଇଥିଲା। ଏକ ଠିକାସଂସ୍ଥା ଦ୍ୱାରା ନିର୍ମଳ ଯୋଜନାରେ ନିକଟରେ ନିୟୋଜିତ ହୋଇଥିବା ୨୪ ଜଣ ମହିଳା ଓ ପୁରୁଷ ସଫେଇ କର୍ମଚାରୀ ଦୀର୍ଘ ଦେଢମାସ ହେଲା ଦରମା ପାଇ ନାହାନ୍ତି। ଫଳରେ କର୍ମଚାରୀମାନଙ୍କ ପରିବାରବର୍ଗ ଉପାସରେ ଦିନ କାଟୁଛନ୍ତି। ଏଭଳି ଘଟଣାରେ ଅସନ୍ତୋଷ ପ୍ରକାଶ କରି କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଡାକ୍ତରଖାନାର ଅପରିଷ୍କାର ପରିବେଶକୁ ଦୃଷ୍ଟିରେ ରଖି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ କର୍ମଚାରୀଙ୍କୁ ବୁଝାଶୁଝା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ।



ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ସଫେଇ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।



କେନ୍ଦୁଝର ଜିଲା ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରାସ୍ତା ଅବରୋଧ କରି ଆନ୍ଦୋଳନ କରାଯାଉଛି।

### ପାନୀୟ ଜଳ ଯୋଗାଣରୁ ବଞ୍ଚିତ ଗ୍ରାମବାସୀ

ବିଭାଗୀୟ ଅଧିକାରୀ, କର୍ମଚାରୀ ଅଟକ

ପାଟଣା,୧୨।୯(ସ୍ୱ.ପ୍ର.)-ପାଟଣା ବ୍ଲକ ଖିରେଇଟାଙ୍ଗିରି ପଞ୍ଚାୟତର କେତୋଟି ଗ୍ରାମର ଲୋକମାନେ ପାନୀୟଜଳ ଯୋଗାଣରୁ ବଞ୍ଚିତ ହେବାରୁ ବୁଧବାର ସନ୍ଧ୍ୟାରେ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀଙ୍କୁ ଗ୍ରାମବାସୀ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟାଳୟ ଗୃହରେ ଅଟକ ରଖିଥିଲେ। ସୂଚନା ଅନୁଯାୟୀ ଏହି ପଞ୍ଚାୟତର ସମସ୍ତ ଗ୍ରାମ ଓ ସାହିକୁ ପାନିୟ ଜଳ ଯୋଗାଣ ପାଇଁ ଖିରେଇଟାଙ୍ଗିରି ଠାରେ ୨୦୧୬ ମସିହାରେ ୧୦୮ କୋଟି ଟଙ୍କା ବିନିମୟରେ ୧୬ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ବିଶିଷ୍ଟ ଏକ ଓଭରହେଡ ପାଣି ଟାଙ୍କି ନିର୍ମାଣ ହୋଇଛି। ଏହି ପ୍ରକଳ୍ପଟିକୁ ଏକ ଠିକାଦାର ସଂସ୍ଥା ନିର୍ମାଣ ପାଇଁ ନିୟୋଜିତ ହୋଇଛି। ପଞ୍ଚାୟତର କେତକ ଗ୍ରାମକୁ ଜଳ ଯୋଗାଣ ପାଇଁ ପାଇପ ବିଛା ଯାଇ ଟ୍ୟାପ ସଂଯୋଗ କରାଯାଇଥିଲେଥିଲେ ହେଁ ଡାବରଚୁଆ, ତାଳପଦା, ନୂଆଗାଁର ସୁନାସାହି, ଖିରେଇଟାଙ୍ଗିରି ଗ୍ରାମର ବରୁ ପଶି, ଭଦଘର ସାହି, ରଙ୍ଗାପାଟ ସାହି ଆଦି ସାହି ଗୁଡିକ ପାଇପ ସଂଯୋଗରୁ ବାଦପଡିଛି। ଏହି ଠିକାଦାର ସଂସ୍ଥା ବୁଧବାର ରାତିରେ ତରବରିଆ ଭାବରେ ନିଜର ସରଞ୍ଜାମ ସ୍ଥାନାନ୍ତର କରିବାକୁ ଉଦ୍ୟମ କରୁଥିବା ବେଳେ ଏହାକୁ ବିରୋଧ କରି ଗ୍ରାମବାସୀ କେତେକ କର୍ମଚାରୀଙ୍କୁ ଅଟକ ରଖିଥିଲେ। ବଞ୍ଚିତ ଗ୍ରାମ ଓ ସାହିକୁ ପାଇପ ସଂଯୋଗ ପ୍ରତିଶ୍ରୁତି ପାଇବାପରେ ଠିକାଦାର ସଂସ୍ଥା ଓ କର୍ମଚାରୀଙ୍କୁ ଉତ୍ତ୍ୟକ୍ତ ଲୋକେ ଛାଡ଼ିଦେଇଥିଲେ।

■ସୁଧୁରୁନି ରାସ୍ତା ଦୁରବସ୍ଥା

# ଗ୍ରାମବାସୀଙ୍କ ରାସ୍ତାରୋକୋ

କେନ୍ଦୁଝର, ୧୨।୯ (ସ୍ୱ.ପ୍ର.)

ସ୍ଥାନୀୟ ଆଦିବାସୀ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁଁ ଶୋଚନୀୟ ହୋଇ ପଡିଥିବା ରାସ୍ତା ପ୍ରତିବାଦରେ ଗୁରୁବାର ଛାତ୍ରୀଛାତ୍ର ତଥା ସ୍ଥାନୀୟ ଲୋକମାନେ କେନ୍ଦୁଝର ରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରିଥିଲେ। ଉକ୍ତ ରାସ୍ତାକୁ ଜଣେ ସ୍ଥାନୀୟ ସହୃଦୟ ବ୍ୟକ୍ତି ବିଦ୍ୟାଳୟ ପାଇଁ ଛାଡିଥିବା ବେଳେ ଉକ୍ତ ରାସ୍ତାରେ କେତେକ ପ୍ରଭାବଶାଳୀ ଲୋକ ସେମାନଙ୍କ ଇଟା କାରଖାନା ଓ କ୍ୟାମ୍ପକୁ ଭାରିଯାନ ଚଳାଚଳ କରୁଥିବାରୁ ବିପଦପୂର୍ଣ୍ଣ ହୋଇ ପଡିଛି। ରାସ୍ତାଟି ଭାଙ୍ଗିଯାଇଥିବାରୁ ଯାତାୟାତ ବ୍ୟାହତ ହେବା ସହ ଭାରିଯାନ ଚଳାଚଳ ଯୋଗୁ ଛାତ୍ରୀଛାତ୍ର ତଥା ସ୍ଥାନୀୟ ଲୋକ ଅସୁରକ୍ଷିତ ମଣୁଛନ୍ତି। ଏହାକୁ ନେଇ କିଛି ବର୍ଷ ତଳେ ସ୍ଥାନୀୟ ଲୋକ ଏକ ଗେଟ ବସାଇଥିଲେ ହେଁ ପରବର୍ତ୍ତୀ ସମୟରେ କେତେକ ଲୋକଙ୍କ ଚାପରେ ଖୋଲାଯାଇଥିଲା। ଫଳରେ ଏହାକୁ ନେଇ ଅସନ୍ତୋଷ ଲାଗିରହିଥିଲା। ଏହି ଅସନ୍ତୋଷ ଗୁରୁବାର ଗୁରୁତର ରୂପ ନେଇଥିବା ବେଳେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ସମାଧାନ କରିବାକୁ ପ୍ରୟାସ କରୁଥିବା ବେଳେ ସ୍ଥାୟୀ ପ୍ରତିକାର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି।

# ସୁନେଇ ଓ କାଳ ବନ୍ଧରୁ ବନ୍ୟା ଜଳ ନିଷ୍କାସନ

କପ୍ତିପଦା,୧୨।୯(ଡ଼ି.ଏନ୍.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ରେ ଥିବା ସୁନେଇ ଓ କାଳ ମଧମ ଜଳସେଚନ ପ୍ରକଳ୍ପରୁ ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଉତ୍ତର ଓଡ଼ିଶାରେ ଆଗକୁ ବର୍ଷା ହେବାର ସୂଚନା ମିଳିବା ପରେ ସୁନେଇ ଡ୍ୟାମ୍‌ର ଗୋଟିଏ ଗେଟ୍‌ରୁ ଗୁରୁବାର ୨ ମିଟର ଜଳ ନିଷ୍କାସନ କରାଯାଇଛି। ପ୍ରତି ସେକେଣ୍ଡ୍‌ରେ ୯୦କ୍ୟୁମାକ୍ସ ଜଳ ନିଷ୍କାସନ ହେଉଥିବାର ବନ୍ଧ ଦାୟିତ୍ୱରେ ଥିବା ଏସ୍‌ଡ଼ିଓ ମଦନମୋହନ ବେହେରା ପ୍ରକାଶ କରିଛନ୍ତି। ବନ୍ଧର ବିପଦ ସଂକେତ ୮୫ ମିଟର ଥିବାବେଳେ ବର୍ତ୍ତମାନ ଜଳସ୍ତର ୮୪.୪ ମିଟର ଥିବା ଜଣାପଡିଛି। ସେହିପରି କାଳ ବନ୍ଧରୁ ଗୋଟିଏ ଗେଟ୍‌ରେ ୨ମିଟର ଜଳ ଛଡ଼ାଯାଇଛି। ପ୍ରତି ସେକେଣ୍ଡ୍‌ରେ ୧୪୦ କ୍ୟୁମାକ୍ସ ଜଳ ନିଷ୍କାସନ ହେଉଥିବା ବେଳେ ୫୪.୩୭ କ୍ୟୁମାକ୍ସ ଜଳ ଡ୍ୟାମକୁ ପ୍ରବେଶ କରୁଥିବା ଜାଣିବାକୁ ମିଳିଛି। ଏହି ସମୟରେ କାଳବନ୍ଧ ଏସ୍‌ଡ଼ିଓ କେମ୍‌ଲିନ୍ ସାହୁ, କନିଷ୍ଠ ଯନ୍ତ୍ରୀ ସ୍ୱରୂପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ସୁନେଇ ବନ୍ଧରୁ ଜଳ ନିଷ୍କାସନ କରାଯାଉଛି ।

# ଆମ ପୋଲିସ ସମିତିର ବୈଠକ



ବୈଠକରେ ଉପସ୍ଥିତ ଥାନାଧିକାରୀ ଓ ଅନ୍ୟମାନେ।

ବାଙ୍ଗିରିପୋଷି,୧୨।୯(ଡି.ଏନ୍.ଏ.)–

ବାଙ୍ଗିରିପୋଷି ଥାନା ପରିସରରେ ଆମ ପୋଲିସ ସମିତିର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଚନ୍ଦନ କୁମାର ଘଡେଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମିତିର ସ୍ଥାୟୀ ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ମୁର୍ମୁ, ମୋତିଲାଲ ଦାସ, ଦୀପକ କୁମାର ମହାନ୍ତି, ହୃଷିକେଶ ମହାପାତ୍ର, ଚିତ୍ତରଞ୍ଜନ ଗୋଚ୍ଛାୟତ, ଭାସ୍କର ଚନ୍ଦ୍ର ମହାନ୍ତ, ନିଶିକାନ୍ତ ଦାସ, ସୁଜିତ କୁମାର ରଥ, ବିଶ୍ୱଜିତ ଶର୍ମା, ମନୋରଞ୍ଜନ ବାରିକ ପ୍ରମୁଖଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଥାନା ଅଧିକାରୀ ନୂତନ ମୋଟରଯାନ ଆଇନ ଓ ଜରିମାନାର ବର୍ଦ୍ଧିତ ରାଶି ବାବଦରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ। ପ୍ରତ୍ୟେକ ସାମାଜିକ କାର୍ଯ୍ୟରେ ପୋଲିସର ସହାୟତା ପ୍ରଦାନ, ବରିଷ୍ଠ ନାଗରିକମାନଙ୍କୁ ସମୟପୋଯୋଗୀ ସୁରକ୍ଷା ପ୍ରଦାନରେ ବାଙ୍ଗିରିପୋଷି ପୋଲିସ ଆଗରେ ରହିବ ବୋଲି ଥାନା ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧରେ ଏସ୍‌ଆଇ ମହେଶ୍ୱର ବେହେରା,ଏଏସଆଇ ଅଶୋକ କୁମାର ଦାସ, ଦେବଦାସ ସାହୁ, ହାବିଲଦାର କିଶୋର ଚନ୍ଦ୍ର ସାମଲ, କନେଷ୍ଟବଳ ଦୀପକ କୁମାର ପାଲବାବୁ, ବିଜୟ କୁମାର ନାଏକ, ଲମ୍ବୋଧର ମୁର୍ମୁଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ ।

# କେନାଲ ଜମିରୁ ଜବରଦଖଲ ହଟିଲା

କପ୍ତିପଦା,୧୨।୯(ଡି.ଏନ.ଏ)

କପ୍ତିପଦା ବ୍ଲକ୍ ଅଧୀନ ସୁନେଇ ଜଳ ସେଚନ ବିଭାଗର କେନାଲ ଜମିରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ପ୍ରଶାସନ ଜବରଦଖଲ ହଟାଇଛି। ଏହି ଜମିକୁ କେତେକ ଲୋକ ଜବରଦଖଲ କରିଥିଲେ। ବାରମ୍ବାର ତାଗିଦ ସତ୍ତ୍ୱେ ମଧ ସେମାନେ ଜମି ଛାଡୁ ନ ଥିଲେ। ଏଥିନେଇ ଗ୍ରାମର ଜଣେ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ସଂଖ୍ୟା ଡବ୍ଲ୍ୟୁପି(ସି) ୭୨୮୦/୨୦୧୫ ଅନୁଯାୟୀ ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ କପ୍ତିପଦା ତହସିଲଦାର, ଅତିରିକ୍ତ ତହସିଲଦାର, ଡେପୁଟି କଲେକ୍ଟର, ପୋଲିସ୍ ବାହିନୀ ଏବଂ ଜଳସେଚନ ବିଭାଗର କର୍ମଚାରୀଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ ହୋଇଛି । କପ୍ତିପଦା ତହସିଲ ଅଧୀନ ସାନସିମୁଳିଆ ଗ୍ରାମରେ ସୁନେଇ ଜଳସେଚନ ପ୍ରକଳ୍ପରୁ କେନାଲ ମାଧ୍ୟମରେ କିଛି ଜମିକୁ ଜଳଯୋଗାଣ ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା। ୧୬ ଜଣଙ୍କ ଘରବାରି ଖାତାରୁ ୧୩ ଡିସିମିଲ୍ ଜମି ଅଧିଗ୍ରହଣ କରାଯାଇ ସରକାରଙ୍କ ନିୟମ ମୁତାବକ ହିତାଧିକାରୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ମାତ୍ର ଜବରଦଖଲ ଉଚ୍ଛେଦ ନ ହେବାରୁ ଉକ୍ତ କେନାଲ କାର୍ଯ୍ୟ ହୋଇ ପାରି ନ ଥିଲା। ଏ ସମ୍ପର୍କରେ ଗ୍ରାମର ଗଜେନ୍ଦ୍ରନାଥ ମହାରଣା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ସେ ମୟୂରଭଞ୍ଜ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଦ୍ୱାରସ୍ଥ ହେବା ପରେ ଜିଲାପାଳ ତଦନ୍ତ ପାଇଁ ସୁନେଇ ଜଳସେଚନ ବିଭାଗ ଏସ୍‌ଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏହାପରେ ମହାରଣା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସହିତ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଶେଷରେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମବାସୀ ଦଖଲ କରିଥିବା କେନାଲ ଜମିକୁ ଦଖଲମୁକ୍ତ କରାଯାଇଛି। ଏଥିରେ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମର ବିଧବା ସରସ୍ୱତୀ ମହାରଣା (୮୦) ଏବଂ ନାରାୟଣ ମହାରଣାଙ୍କ ଘର ଭାଙ୍ଗି ଯାଇଥିବାରୁ ସେମାନଙ୍କୁ ସରକାରଙ୍କ ତରଫରୁ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।




ପ୍ରଶାସନିକ ଅଧିକାରୀମାନେ ଜବରଦଖଲ ଉଚ୍ଛେଦ କରୁଛନ୍ତି।

